# NATIONAL NEWS BULLETIN (ODIA)

## 12 September 2026

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଲାଗି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ପ୍ରସ୍ତୁତି କାର୍ଯ୍ୟ ।
- ଭାରତ-ଜର୍ମାନୀ ରଣନୈତିକ ଭାଗିଦାରିକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ଦେଶ ଦୋହରାଇଛନ୍ତି ପ୍ରତିବଦ୍ଧତା ।
- ଶୂନ୍ୟ ମୃତାହତ ଦୃଷ୍ଟିକୋଣ ଅଧୀନରେ ବିପର୍ଯ୍ୟୟ ପ୍ରତିରୋଧକ ଗ୍ରାମ ଓ ସହର ପ୍ରତିଷ୍ଠା ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- କଙ୍ଗୋରେ ଦୁଇଟି ସଂଲଗ୍ନ ବିଦ୍ୟାଳୟରେ ଅଗ୍ନିକାଣ୍ଡ ଯୋଗୁଁ ପ୍ରାୟ ୨୬ ଶିକ୍ଷାର୍ଥୀଙ୍କର ମୃତ୍ୟୁ ।

ଏବଂ

- ମହିଳା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ୨୦୨୬ର ଫାଇନାଲ୍‌ରେ ପ୍ରବେଶ କଲା ଭାରତ ।

# ବ୍ରିକ୍ସ ସମିଟ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଭାରତ ଅଧ୍ୟକ୍ଷତାରେ ଆଜିଠାରୁ ୨ ଦିନିଆ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ଆରମ୍ଭ ହେବ । ସମ୍ମିଳନୀରେ ଭାରତ ସମେତ ବ୍ରାଜିଲ୍, ଚୀନ୍, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷ୍, ସାଉଦୀଆରବ, ଦକ୍ଷିଣ ଆଫ୍ରିକା ଏବଂ ୟୁଏଇ ଯୋଗଦେବେ ।ଏହି ଶିଖର ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ବିଶ୍ୱ ଶାସନ ବ୍ୟବସ୍ଥା ବହୁପକ୍ଷୀୟବାଦ, ବାଣିଜ୍ୟ ଓ ନିବେଶ, ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ଓ ଶକ୍ତିସୁରକ୍ଷା, ସ୍ୱାସ୍ଥସେବା,ବିପର୍ଯ୍ୟୟ ମୁକାବିଲା ପରିଚାଳନା ଓ ଯୋଗାଣ ଶୃଙ୍ଖଳ ଭଳି ପ୍ରସଙ୍ଗ ଉପରେ ଆଲୋଚନା କରିବେ । ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀର ବିଷୟବସ୍ତୁ ରହିଛି 'ସ୍ଥିରତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ପାଇଁ ନିର୍ମାଣ' । ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ଏବଂ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ ।

# ବ୍ରିକ୍ସ ସମିଟ୍-ଲିଡର୍ସ ଆରାଇଭାଲ

ବ୍ରିକ୍ସର ଅଷ୍ଟାଦଶ ସମ୍ମିଳନୀରେ ଯୋଗଦେବାଲାଗି ଅନେକ ବିଦେଶୀ ନେତା ଏବଂ ବରିଷ୍ଠ ଅଧିକାରୀ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି ।ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋଓ ସୁବିଆଣ୍ଟୋ ଗତ ରାତିରେ ନୂଆଦିଲ୍ଲୀରେ ପହଞ୍ଚିବା ପରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ତାଙ୍କୁ

ସ୍ୱାଗତ କରିଥିଲେ । ଏହି ସମ୍ମିଳନୀରେ ଆଫ୍ରିକୀୟ ସଂଘର ପ୍ରତିନିଧିତ୍ୱ କରିବା ପାଇଁ ଗୁରୁଣ୍ଡିର ରାଷ୍ଟ୍ରପତି ଏଭାରିଷ୍ଟ ନଡାଇସିମିୟେ, ଆବୁଧାବିର ପ୍ରିନ୍ସ ସେକ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନ୍ୟାହାନ୍, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍, ଇଜିପ୍ଟ ରାଷ୍ଟ୍ରପତି ଅବଦେଲ୍ ଫତାହ ଏଲ୍ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀ, ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସମ୍ପୃକ୍ତ ନେତୃବୃନ୍ଦମାନେ ବ୍ରିକ୍ସ ଅଧୀନରେ ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟ, ନିବେଶ ତଥା ଅନ୍ୟାନ୍ୟ କ୍ଷେତ୍ର ଗୁଡ଼ିକରେ ସହଯୋଗ ବୃଦ୍ଧି ନେଇ ମତ ଉପସ୍ଥାପନ କରିବେ । ଏହି ସମ୍ମିଳନୀରେ ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ୍, ସାଉଦୀ ଆରବ, ଦକ୍ଷିଣଆଫ୍ରିକା ଏବଂ ୟୁଏଇ ଯୋଗ ଦେଇଥିବାବେଳେ ବ୍ରିକ୍ସର ଭାଗିଦାରୀ ଦେଶ ବେଲାରୁଷ, କ୍ୟୁବା, ବୋଲିଭିୟା, କାଜାଖସ୍ତାଦ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜ୍‌ବେକିସ୍ତାନ ଏବଂ ଭିଏତ୍‌ନାମ ଅଂଶଗ୍ରହଣ କରୁଛନ୍ତି ।

## ବ୍ରିକ୍ସ ବିଜିନେସ ଫୋରମ ଲିଡର୍ସ ସେସନ

ବିଶ୍ୱ ବାଣିଜ୍ୟର ଅଗ୍ରଗତି ଲାଗି ସୁରକ୍ଷିତ ସାମୁଦ୍ରିକ ପଥ, ମୁକ୍ତ ଯୋଗାଣ ମାର୍ଗ ଏବଂ ନାବିକମାନଙ୍କ ସୁରକ୍ଷା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ବ୍ରିକ୍ସ ଦେଶଗୁଡ଼ିକୁ ବାଣିଜ୍ୟିକ

ପ୍ରତିବନ୍ଧକ ଦୂର କରିବା ଏବଂ ବ୍ୟବସାୟ ପାଇଁ ସୁଯୋଗ ସମ୍ପ୍ରସାରଣ ଦିଗରେ କାର୍ଯ୍ୟ କରିବା ଲାଗି ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । ଗତକାଲି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ବ୍ରିକ୍ସ ବ୍ୟବସାୟିକ ଫୋରମ୍‌ର ନେତୃତ୍ୱ ଅଧିବେଶନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ବ୍ୟବସାୟିକ ଜଳମାର୍ଗ ପରିବହନ କ୍ଷେତ୍ରରେ ସ୍ୱାଧୀନତା ଏବଂ ନାବିକମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଉଛି । ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱସ୍ତରରେ ବୃଦ୍ଧି ପାଉଥିବା ବାଣିଜ୍ୟିକ ପ୍ରତିବନ୍ଧକ ମଧ୍ୟରେ ଭାରତ ଅଭିବୃଦ୍ଧି ଏବଂ ସ୍ଥିରତା କ୍ଷେତ୍ରରେ ଏକ ଅର୍ଥନୈତିକ ସେତୁ ଭାବେ ବିଶ୍ୱସ୍ତ ଉତ୍ସ ଭାବେ ଉଭା ହୋଇଛି ।

**V/O (PM Secure Lanes)**

ଏହି ଅବସରରେ ଶ୍ରୀ ମୋଦୀ ମେକ୍ ଇନ୍ ଇଣ୍ଡିଆ, ଇନୋଭେଟ୍ ୱିଥ୍ ଇଣ୍ଡିଆ ଏବଂ ସ୍କେଲ୍ ଫର୍ ଦ ୱାର୍ଲ୍ଡ ପାଇଁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ଭାରତ ୪୦ଟି ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି । ଏହି ଚୁକ୍ତିଗୁଡ଼ିକ ଦ୍ୱାରା ବାଣିଜ୍ୟିକ ପ୍ରତିବନ୍ଧକ ହ୍ରାସ କରି ବ୍ୟବସାୟିକ ସୁଯୋଗକୁ ଅଗ୍ରସର କରିବା ଲାଗି ବ୍ୟାପକ ବିଶ୍ୱସ୍ତରୀୟ ନେଟୱାର୍କ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ବ୍ରିକ୍ସ ଏମ୍.ଏସ୍.ଏମ୍.ଇ ପୋର୍ଟାଲ ଏବଂ ବ୍ରିକ୍ସ ଷ୍ଟାର୍ଟଅପ୍ ଇନୋଭେସନ ଫଣ୍ଡ ଭଳି ପଦକ୍ଷେପ ଗୁଡ଼ିକର ଲକ୍ଷ୍ୟ

ହେଉଛି ବିଭିନ୍ନ ବର୍ଗର ଉଦ୍ୟୋଗ ଗୁଡ଼ିକୁ ବଜାର ଓ ଆର୍ଥିକ ସହାୟତା ଯୋଗାଇଦେବା । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ବ୍ରିକ୍ସ ଦେଶଗୁଡ଼ିକ ଏବେ ବିଶ୍ୱ ଜନସଂଖ୍ୟାର ୫୦ ପ୍ରତିଶତ ପ୍ରତିନିଧିତ୍ୱ କରୁଥିବାବେଳେ ବିଶ୍ୱ ବାଣିଜ୍ୟର ୨୫ପ୍ରତିଶତରୁ ଅଧିକ ପରିଚାଳନା କରୁଛନ୍ତି ।

**V/O (PM Brics)**

ଏହି ଅବସରରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ କହିଛନ୍ତି, ଗତ ୫ ବର୍ଷ ମଧ୍ୟରେ ବିଶ୍ୱର ମୋଟ୍ ଘରୋଇ ଉତ୍ପାଦ- ଜିଡିପିର ୪୦ ପ୍ରତିଶତରୁ ଅଧିକ ଅଂଶ ବ୍ରିକ୍ସ ଦେଶସମୂହ ଗୁଡ଼ିକ ଦ୍ୱାରା ଉତ୍ପାଦିତ ହୋଇଛି ।

ସମ୍ମିଳନୀକୁ ସମ୍ବୋଧିତ କରି ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟିକ ସହଯୋଗ ବୃଦ୍ଧି ନିମନ୍ତେ ରାଷ୍ଟ୍ରୀୟ ମୁଦ୍ରାର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା କହିଛନ୍ତି ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ମୂଲ୍ୟ ସୃଷ୍ଟି କ୍ଷେତ୍ରରେ ଗ୍ଲୋବାଲ ସାଉଥ୍ ନେତୃତ୍ୱ ନେବା ଆବଶ୍ୟକ । ବିଭିନ୍ନ ଦେଶଗୁଡ଼ିକ ପକ୍ଷରୁ ଏକପାଖିଆ କଟକଣା ଜାରି ନିଷ୍ପତ୍ତି ନେଇ ସେ ଚିନ୍ତାପ୍ରକାଶ କରିଛନ୍ତି । ବ୍ରାଜିଲର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାଉରୋଭିଏରା କହିଛନ୍ତି ବିଶ୍ୱର ଅନ୍ୟତମ ଗତିଶୀଳ ଏବଂ ସମୃଦ୍ଧ ଅର୍ଥନୀତି କ୍ଷେତ୍ରରେ ବ୍ରିକ୍ସ ଏକ ଦୃଢ଼ ମଞ୍ଚ ଭାବେ ଉଭା ହୋଇଛି । ବିଶ୍ୱ ପରିସ୍ଥିତି ମଧ୍ୟରେ ଉତ୍ପାଦନକାରୀ କ୍ଷେତ୍ରଗୁଡ଼ିକ

ନିକଟତର ହେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଭାରତ ଅଧ୍ୟକ୍ଷତାରେ ବ୍ରିକ୍ସ ଏକ ସ୍ପଷ୍ଟ ଦୃଷ୍ଟିକୋଣ ନେଇ ଅଗ୍ରସର ହେଉଥିବା କହିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ସେହି ଲୋକମାନଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ କରୁଛି, ଯେଉଁମାନେ ବ୍ରିକ୍ସ ଅର୍ଥନୀତିର ମୁଖ୍ୟସ୍ତମ୍ଭ ଅଟନ୍ତି ।

# ଆସୋଚାମ୍-ବ୍ରିକ୍ସ

ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ-ଆସୋଚାମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ବିଶ୍ୱସ୍ତରୀୟ ସହଯୋଗ ପାଇଁ ଏକ ଶକ୍ତିଶାଳୀ ମଞ୍ଚ ତଥା ଗ୍ଲୋବାଲ ସାଉଥ୍ ପାଇଁ ଏକ ଦୃଢ଼ ସ୍ୱର ଭାବରେ ପ୍ରଶଂସା କରିଛି । ଆସୋଚାମ୍‌ର ଅଧ୍ୟକ୍ଷ ନିର୍ମଳ କେ. ମିଣ୍ଡା କହିଛନ୍ତି ବ୍ରିକ୍ସ ସହଯୋଗକୁ ଏକ ଦୃଢ଼ ବ୍ୟବସାୟିକ ଫଳାଫଳରେ ପରିଣତ କରିବା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି ବ୍ରିକ୍ସ ଅର୍ଥନୀତି ମଧ୍ୟରେ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍ ଏବଂ ବ୍ୟବସାୟିକ ସହଯୋଗକୁ ଦୃଢ଼ କରିବା ସୁଯୋଗକୁ ଉନ୍ମୁକ୍ତ କରିପାରିବ ଏବଂ ଅନ୍ତର୍ଭୁକ୍ତିମୂଳକ ସ୍ଥାୟୀ ଅଭିବୃଦ୍ଧି ପାଇଁ ନୂତନ ଦିଗ ସୃଷ୍ଟି କରିବ । ଶ୍ରୀ ମିଣ୍ଡା କହିଛନ୍ତି, ନବସୃଜନ, ଡିଜିଟାଲ ସମାଧାନ, ଭିତ୍ତିଭୂମି, ରଣନୈତିକ ପ୍ରଯୁକ୍ତିବିଦ୍ୟା ଏବଂ ବ୍ରିକ୍ସ ଷ୍ଟାର୍ଟଅପ୍ ଇନୋଭେସନ ପାଣ୍ଠି ଭଳି ପଦକ୍ଷେପ ଉପରେ ବିଭିନ୍ନ ବ୍ରିକ୍ସ ଦେଶ ମଧ୍ୟରେ ସହଯୋଗ ଆହୁରି

ମଜଭୁତ ହେବ । ଭାରତୀୟ ଉଦ୍ୟୋଗ ଗୁଡ଼ିକ ଆଗାମୀ ଦିନରେ ବିଶ୍ୱସ୍ତରରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ବୋଲି ସେ କହିଛନ୍ତି ।

## ଗଭ୍-ଆବାସ ଯୋଜନା

ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା ୨ପଏଣ୍ଟ ଓ ଅଧୀନରେ କେନ୍ଦ୍ର ସରକାର ୧୮ଲକ୍ଷ, ୭୭ହଜାର ବାସଗୃହ ନିର୍ମାଣକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହାଦ୍ୱାରା ସହରାଞ୍ଚଳରେ ସମସ୍ତଙ୍କ ପାଇଁ ଆବାସ ଲକ୍ଷ୍ୟ ପୂରଣ ହୋଇ ପାରିବ ବୋଲି କୁହାଯାଇଛି । ଗତ ଗୁରୁବାରଦିନ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ସଚିବ ସତ୍ୟେନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ରୀୟ ମଞ୍ଜୁରୀ ଓ ତଦାରଖ କମିଟିର ନବମ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏଥିରେ ଆସାମ, ବିହାର, ଗୁଜୁରାଟ, ତେଲେଙ୍ଗାନା, ତ୍ରିପୁରା ଏବଂ ଉତ୍ତରପ୍ରଦେଶ ଲାଭବାନ୍ ହେବେ ବୋଲି ଜଣାପଡିଛି ।

## ୟୁପି-ଫ୍ଲଡ ରିଲିଫ

ଉତ୍ତରପ୍ରଦେଶରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରହିଥିବାବେଳେ ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳରେ ରିଲିଫ କାର୍ଯ୍ୟ ଜୋର୍‌ଦାର କରିଛନ୍ତି । ଚଳିତ ବନ୍ୟାରେ ୨୫ଟି ଜିଲ୍ଲା ପ୍ରଭାବିତ ହୋଇଛି । କ୍ରମାଗତ ବର୍ଷା ଏବଂ ବିଭିନ୍ନ ଡ୍ୟାମ୍‌ରୁ ଜଳ ନିଷ୍କାସନ ଫଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି । ଇତିମଧ୍ୟରେ ୮ହଜାର ଲୋକଙ୍କୁ

ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ମୋଟ୍ ୨୧ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ବିଭିନ୍ନ ଆଶ୍ରୟସ୍ଥଳୀରେ ୩ ହଜାରରୁ ଅଧିକ ଲୋକଙ୍କୁ ରଖାଯାଇଛି । ୧ହଜାର ୧୬୫ଟି ମେଡ଼ିକାଲ ଟିମ୍ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି ।

## ହକି

ଜୁନିଅର ଏସିଆକପ୍ ହକିରେ ଆଜି ସକାଳ ୯ଟା ୪୫ ମିନିଟ୍‌ରେ ଚୀନ୍‌ର ମୋକିଠାରେ ଭାରତ ଏବଂ ଦକ୍ଷିଣ କୋରିଆ ମହିଳା ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ଭାରତ’ ପାକିସ୍ତାନକୁ ୧୯-୦ରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି । ପୁଲ୍-ଏରେ ଭାରତ ୩ଟି ବିଜୟ ଏବଂ ଗୋଟିଏ ମ୍ୟାଚ୍ ଅମୀମାଂସୀତ ରଖି ୧୦ ପଏଣ୍ଟ ସହ ଶୀର୍ଷରେ ରହିଛି । ଆଜି ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଚୀନ୍ ଏବଂ ଜାପାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ପୂର୍ବରୁ ଚୀନ୍ ୪-୦ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କରିଥିବାବେଳେ ଜାପାନ ୨-୦ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି ।

ଗତକାଲି ଭାରତୀୟ ପୁରୁଷ ଦଳ ଜୁନିୟର ଏସିଆକପ୍‌ର ଫାଇନାଲରେ ପହଞ୍ଚିଛନ୍ତି । ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭାରତ’ ୩-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି । ଭାରତୀୟ ଅଧିନାୟକ

ଅନ୍‌ମୋଲ ଏକ୍କା ୨ଟି ଗୋଲ୍ ସ୍କୋର କରିଥିବାବେଳେ ସୁଖବିନ୍ଦର ଗୋଟିଏ ଗୋଲ୍ କରିଥିଲେ । ପୁଲ୍-ଏର ଫାଇନାଲ ମ୍ୟାଚ୍‌ରେ ଭାରତ ୧୫-୦ ଗୋଲ୍‌ରେ ଚାଇନିଜ୍ ତାଇପେଇକୁ ପରାସ୍ତ କରିଥିଲା । ଆସନ୍ତାକାଲି ଭାରତ ଏବଂ ସାଉଥ୍‌କୋରିଆ ମଧ୍ୟରେ ଇଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।

# କ୍ରିକେଟ୍-ଟି୨୦ ଏସିଆକପ୍

ଟି-୨୦ ଏସିଆ କପ୍ ମହିଳା କ୍ରିକେଟ୍‌ରେ ଆସନ୍ତାକାଲି ଦୁବାଇରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମ୍ୟା୍ ଅନୁଷ୍ଠିତ ହେବ । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଲଙ୍କା ୪ ଓ୍ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ୧୩୧ରନ୍‌ର ପିଛାକରି ଶ୍ରୀଲଙ୍କା ୧୮ଓଭର ୪ଟି ବଲ୍‌ରେ ୬ଓ୍ୱିକେଟ୍ ହରାଇ ୧୩୪ରନ୍ ସ୍କୋର କରିଥିଲା । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୧୩୦ରନ୍ ସଂଗ୍ରହ କରିଥିଲା । ପାକିସ୍ତାନ ଅଧିନାୟିକା ଫାତିମା ସାନା ୪୭ରନ୍ ସ୍କୋର୍ କରିଥିବାବେଳେ ୪ଟି ଓ୍ୱିକେଟ୍ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି ।